ଓଡ଼ିଶା ସରକାର

ବିଧି ବିଭାଗ

# ଓଡ଼ିଶା ନାଟକୀୟ ଅଭିନୟ ଅଧିନିୟମ, ୧୯୬୨

# THE ORISSA DRAMATIC PERFORMANCES ACT, 1962

[ମୂଲ୍ୟ—୪୦.୩୩ ପଇସା]

# ଓଡ଼ିଶା ନାଟକୀୟ ଅଭିନୟ ଅଧିନିୟମ, ୧୯୬୨

## ବିଷୟ ସୂଚୀ


ଉଦ୍ଦେଶିକା

| ଧାରାବଳି | | ପୃଷ୍ଠା |
|---|---|---|
| ୧ । ସଂକ୍ଷିପ୍ତ ନାମ ଓ ବିସ୍ତାର | .. | ୧ |
| ୨ । ପରିଭାଷା | .. | ୧ |
| ୩ । ଆପତ୍ତିମୂଳକ ଅଭିନୟକୁ ପ୍ରତିଷିଦ୍ଧ କରିବା ଲାଗି କ୍ଷମତା | .. | ୨ |
| ୪ । ଆପତ୍ତିମୂଳକ ଅଭିନୟଗୁଡ଼ିକୁ ଅସ୍ଥାୟୀଭାବେ ପ୍ରତିଷିଦ୍ଧ କରିବାଲାଗି କ୍ଷମତା | .. | ୨ |
| ୫ । ପ୍ରତିଷେଧ ଆଦେଶର ଜାରି | .. | ୩ |
| ୬ । ଆଦେଶ ଅବଜ୍ଞା କରିବା ନିମନ୍ତେ ଶାସ୍ତି | .. | ୩ |
| ୭ । ପ୍ରତିଷେଧକୁ ଅବଜ୍ଞା କରିବା ନିମନ୍ତେ ଶାସ୍ତି | .. | ୩ |
| ୮ । ଅବଗଚ୍ଛ ଆହୃତ କରିବା ଲାଗି କ୍ଷମତା | .. | ୪ |
| ୯ । ନାଟକାଦି ଉଦ୍ଦେଶ୍ୟରେ ନକଲ ଆହୃତ କରିବା ଲାଗି କ୍ଷମତା | .. | ୪ |
| ୧୦ । ଉଚ୍ଚ ନ୍ୟାୟାଳୟଠାରେ ଅପିଲ | .. | ୪ |
| ୧୧ । ଅନ୍ୟାନ୍ୟ ବିଧି ଅଧୀନ ଅଭିଯୋଜନର ବ୍ୟାବୃତ୍ତି | .. | ୫ |
| ୧୨ । ସଦ୍‌ଭାବପୂର୍ବକ କୃତ୍ୟ କାର୍ଯ୍ୟର ସଂରକ୍ଷଣ | .. | ୫ |
| ୧୩ । ନିୟମାବଳି ପ୍ରଣୟନ କରିବା ଲାଗି କ୍ଷମତା | .. | ୫ |
| ୧୪ । ୧୮୭୬ର କେନ୍ଦ୍ରୀୟ ଅଧିନିୟମ ୧୯ ର ନିରସନ | .. | ୫ |

# ୧୯୬୨ ର ଓଡ଼ିଶା ଅଧିନିୟମ ୧୪

## ଓଡ଼ିଶା ନାଟକୀୟ ଅଭିନୟ ଅଧିନିୟମ, ୧୯୬୨

[ତା ୧୦ ମେ ୧୯୬୨ ରିଖରେ ରାଜ୍ୟପାଳଙ୍କ ଅନୁମତିପ୍ରାପ୍ତ; ମୂଳ ଇଂରାଜୀ ଅଧିନିୟମଟି ତା ୨୨ ମେ ୧୯୬୨ ରିଖର ଓଡ଼ିଶା ରାଜପତ୍ର (Gazette) ର ଅସାଧାରଣ ସଂଖ୍ୟାରେ ପ୍ରଥମବାର ପ୍ରକାଶିତ]

ଓଡ଼ିଶା ରାଜ୍ୟରେ ପବ୍ଲିକ୍ ନାଟକୀୟ ଅଭିନୟଗୁଡ଼ିକର ଉତ୍ତମ ନିୟନ୍ତ୍ରଣ ନିମନ୍ତେ ଉପବନ୍ଧିତ କରିବା ଲାଗି ଏକ ଅଧିନିୟମ

ଭାରତୀୟ ଗଣରାଜ୍ୟର ତ୍ରୟୋଦଶ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନ ମଣ୍ଡଳ କର୍ତ୍ତୃକ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉଅଛି:—

ସଂକ୍ଷିପ୍ତ ନାମ ଓ ବିସ୍ତାର

୧। (୧) ଏହି ଅଧିନିୟମଟିକୁ ଓଡ଼ିଶା ନାଟକୀୟ ଅଭିନୟ ଅଧିନିୟମ, ୧୯୬୨ କୋଲପାଇପାରେ।

(୨) ଏହା ସମଗ୍ର ରାଜ୍ୟ ପ୍ରତି ବିସ୍ତାରିତ।

ପରିଭାଷା

୨। ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଅଧିନିୟମରେ—

(୧) "ଆପତ୍ତିମୂଳକ ଅଭିନୟ" ର ଅର୍ଥ ଯେକୌଣସି ଖେଳ, ମୂକନାଟ୍ୟ ବା ଅନ୍ୟ ନାଟକ ଯାହାକି—

(/) ଭାରତ ବା ତାହାର ଯେକୌଣସି ରାଜ୍ୟରେ ବିଧିଦ୍ୱାରା ସ୍ଥାପିତ ସରକାରଙ୍କୁ ବା ଯେକୌଣସି କ୍ଷେତ୍ରରେ ତାହାର ପ୍ରାଧିକାରିତାକୁ ହରାଇ ଦେବା ବା ଦୁର୍ବଳ କରିବା ଉଦ୍ଦେଶ୍ୟରେ ହିଂସା ବା ଅନ୍ତର୍ଧ୍ୱଂସ ଅବଲମ୍ବନ କରିବାଲାଗି ଯେକୌଣସି ବ୍ୟକ୍ତିଙ୍କୁ ଉଦ୍ଦୀପ୍ତ କରିପାରେ ; ବା

(୵) ହତ୍ୟା, ଅନ୍ତର୍ଧ୍ୱଂସ, ଗୃହବାଦ ବା ହିଂସା ସମ୍ବଳିତ ଯେକୌଣସି ଅପରାଧ ଘଟାଇବାକୁ ଯେକୌଣସି ବ୍ୟକ୍ତିଙ୍କୁ ଉଦ୍ଦୀପ୍ତ କରିପାରେ ; ବା

(୷) ସଂଘର ଯେକୌଣସି ସଶସ୍ତ୍ର ବାହିନୀର ବା ପୋଲିସବାହିନୀର ଯେକୌଣସି ସଦସ୍ୟଙ୍କୁ ତାଙ୍କ ରାଜନିଷ୍ଠା ବା ତାଙ୍କ କର୍ତ୍ତବ୍ୟରୁ ଫୁସୁଲାଇ ନେଇପାରେ, ବା ସେଭଳି ଯେକୌଣସି ବାହିନୀରେ ସେବା କରିବାଲାଗି ଲୋକଙ୍କୁ ସଂଗ୍ରହ କରିବା ପ୍ରତି ପ୍ରତିକୂଳ ପ୍ରଭାବ ପକାଇପାରେ ବା, ସେଭଳି ଯେକୌଣସି ବାହିନୀର ଶୃଙ୍ଖଳା ପ୍ରତି ପ୍ରତିକୂଳ ପ୍ରଭାବ ପକାଇପାରେ; ବା

(।) ଭାରତର ନାଗରିକମାନଙ୍କର ଯେକୌଣସି ଉପଶ୍ରେଣୀକୁ ଭାରତର ନାଗରିକମାନଙ୍କର ଅନ୍ୟ କୌଣସି ଉପଶ୍ରେଣୀ ବିରୋଧରେ ହିଂସାତ୍ମକ କାର୍ଯ୍ୟ କରିବାକୁ ଉଦ୍ଦୀପ୍ତ କରିପାରେ; ବା ଯାହାକି

(।/) ଭାରତର ଯେକୌଣସି ଶ୍ରେଣୀର ନାଗରିକମାନଙ୍କର ଧର୍ମ ବା ଧର୍ମବିଶ୍ୱାସକୁ ଅପମାନ ଦେଇ ବା ଗାଳି କରି ବା ଅପବିତ୍ର କରି ସେହି ଶ୍ରେଣୀର ଧର୍ମଭାବକୁ ଅବମାନନା କରିବା ଲାଗି ଜାଣିଶୁଣି ଅଭିପ୍ରେତ ଅଟେ; ବା

(ଗ) ଘୋର ଅସୁନ୍ଦର ଅଟେ, ବା ଜଘନ୍ୟ ବା ଅଶ୍ଳୀଳ ଅଟେ ବା ଧମକରେ କାର୍ଯ୍ୟ ହାସଲ କରିବା ଲାଗି ଆଗ୍ରହୀ ଅଟେ;

ସ୍ପଷ୍ଟୀକରଣ ୧—ବିଧିପୂର୍ଣ୍ଣ ଉପାୟରେ କୌଣସି ବିଧାନ ବା ସରକାରଙ୍କର କୌଣସି ନୀତି ବା ପ୍ରଶାସନିକ କାର୍ଯ୍ୟର ପରିବର୍ତ୍ତନ ବା ପ୍ରତିକାର ହାସଲ କରିବା ଦୃଷ୍ଟିରୁ ତାହାର ଅନୁମୋଦନ ବା ସମାଲୋଚନା ଅଭିବ୍ୟକ୍ତ କରି ଅଭିନୟ କ୍ରମରେ ଶବ୍ଦ ଉଚ୍ଚାରିତ ହେଉଅଛି ବା ସଙ୍କେତ ବା ଦୃଶ୍ୟରୂପଣ କରାଯାଉଅଛି କେବଳ ମାତ୍ର ଏହି କାରଣରୁ ସେପରି କୌଣସି ଅଭିନୟ ଆପତ୍ତିମୂଳକ ବୋଲି ବିବେଚିତ ହେବନାହିଁ।

ସ୍ପଷ୍ଟୀକରଣ ୨:—କୌଣସି ଅଭିନୟ ଆପତ୍ତିମୂଳକ କି ନୁହେଁ ଏହାର ନିର୍ଣ୍ଣୟ କଲାବେଳେ ଖେଳ, ମୂକନାଟ୍ୟ ବା ନାଟକଟିକୁ ସମଗ୍ରତଃ ବିଚାର କରାଯିବ।

(୨) "ଲୋକସ୍ଥାନ"ର ଅର୍ଥ ଏପରି କୌଣସି ନିର୍ମାଣ ବା ଘେର ବା କୌଣସି ମୁକ୍ତସ୍ଥାନ ଓ ପାର୍ଶ୍ୱଗୁଡ଼ିକ ଘେରା ହୋଇ ନଥିବା କୌଣସି ପେଣ୍ଡାଲ ଯେଉଁଠାକୁ କୌଣସି ଅଭିନୟ ଦେଖିବାଲାଗି ପବ୍ଲିକ୍‌ଙ୍କୁ ପ୍ରବେଶ କରାଯାଏ।

**ଆପତ୍ତିମୂଳକ ଅଭିନୟକୁ ପ୍ରତିଷିଦ୍ଧ କରିବା ଲାଗି କ୍ଷମତା।**

୩। (୧) ଯେବେ ବା ରାଜ୍ୟ ସରକାର ସନ୍ତୁଷ୍ଟ ହୁଅନ୍ତି ଯେ କୌଣସି ଲୋକସ୍ଥାନରେ ଅଭିନୀତ ହେଉଥିବା ବା ଅଭିନୀତ ହେବା ଉପରେ ଥିବା କୌଣସି ଖେଳ ମୂକନାଟ୍ୟ ବା ଅନ୍ୟ ନାଟକ ଆପତ୍ତିମୂଳକ ଅଭିନୟ ଘଟେ ତେବେ ରାଜ୍ୟ ସରକାର ଯେଉଁ ଆଧାର ଉପରେ ଅଭିନୟଟିକୁ ଆପତ୍ତିମୂଳକ ବୋଲି ବିଚାର କରୁଥାନ୍ତି ସେହି ଆଧାରକୁ ଉଲ୍ଲେଖ କରି ଆଦେଶ ଦେଇ ସେଭଳି ଅଭିନୟକୁ ପ୍ରତିଷିଦ୍ଧ କରିପାରିବେ,

(୨) ଅଭିନୟଟି କାହିଁକି ପ୍ରତିଷିଦ୍ଧ ହେବ ନାହିଁ ତାହାର କାରଣ ଦର୍ଶାଇବାକୁ ଅଭିନୟର ପରିଚାଳନା ନିମନ୍ତେ ଉତ୍ତରଦାୟୀ ସଂଗଠକ ବା ଅନ୍ୟାନ୍ୟ ମୁଖ୍ୟ ବ୍ୟକ୍ତିଙ୍କୁ ଅଥବା ଅଭିନୟଟି ଯେଉଁ ଲୋକସ୍ଥାନରେ ଅନୁଷ୍ଠିତ ହେବାକୁ ଯାଉଛି ତାହାର ସ୍ୱାମୀ ବା ଅଧିଭୋଗୀକୁ ଯୁକ୍ତିଯୁକ୍ତ ଅବସର ନ ଦେଇ ଉପଧାରା (୧) ଅଧୀନ କୌଣସି ଆଦେଶ ଦିଆଯିବ ନାହିଁ।

(୩) ଉପଧାରା (୧) ଅଧୀନରେ ଦିଆଯିବା ପ୍ରତ୍ୟେକ ଆଦେଶକୁ ଗେଜେଟରେ ପ୍ରକାଶିତ କରାଯିବ।

(୪) ଉପଧାରା (୧) ଅଧୀନ ଯେକୌଣସି ଆଦେଶକୁ ଉଦ୍‌ଘୋଷଣା ଦ୍ୱାରା ମଧ୍ୟ ଅଧିସୂଚିତ କରାଯାଇପାରିବ ଏବଂ ତାହାର ଏକ ଲିଖିତ ବା ମୁଦ୍ରିତ ନୋଟିସକୁ ଏଭଳି ପ୍ରତିଷିଦ୍ଧ ଅଭିନୟରେ ଅଂଶଗ୍ରହଣ କରିବାକୁ ଯାଉଥିବା ବ୍ୟକ୍ତିମାନଙ୍କୁ ଆଦେଶର ଅବଗତ ହେବାଲାଗି ସମୀଚୀନ କୌଣସି ସ୍ଥାନ ବା ସ୍ଥାନମାନଙ୍କରେ ଲଗାଇ ଦିଆଯାଇପାରିବ।

**ଆପତ୍ତିମୂଳକ ଅଭିନୟଗୁଡ଼ିକୁ ଅସ୍ଥାୟୀଭାବେ ପ୍ରତିଷିଦ୍ଧ କରିବାଲାଗି କ୍ଷମତା।**

୪। (୧) ଯଦି ଜିଲ୍ଲା କଲେକ୍ଟରଙ୍କ ମତରେ ଅଭିନୀତ ହେଉଥିବା ବା ଅଭିନୀତ ହେବା ଉପରେ ଥିବା କୌଣସି ଖେଳ, ମୂକନାଟ୍ୟ ବା ଅନ୍ୟ ନାଟକ ଆପତ୍ତିମୂଳକ ଅଭିନୟ ହୋଇଥିବାରୁ ଶାନ୍ତିଭଙ୍ଗ ଘଟାଇବା ସମ୍ଭବ ଅଟେ ତାହାହେଲେ ଏଭଳି ମତର ଆଧାର ଉଲ୍ଲେଖ କରି ଆଦେଶ ଦେଇ ତାହାର ଅଭିନୟକୁ ପ୍ରତିଷିଦ୍ଧ କରିପାରିବେ :

ପରନ୍ତୁ, ଯେ ସେଭଳି ଆଦେଶ ଦେଇଥିଲେ ସେହି ଅଫିସର ସେଭଳି ଆଦେଶ ଦ୍ୱାରା ପ୍ରଭାବଗ୍ରସ୍ତ ବ୍ୟକ୍ତି ବା ପକ୍ଷକାରଙ୍କ ଦ୍ୱାରା ଆବେଦନ କରାଯିବାରେ ତାହାର ପୁନର୍ବିଲୋକନ କରିପାରିବେ।

(୨) ଧାରା ୧୦ ଅଧୀନ ଅପିଲରେ ନ୍ୟାୟାଳୟ ଦ୍ୱାରା ଦିଆଯିବା ଯେକୌଣସି ଆଦେଶର ଅଧୀନ ରହି, ଏହି ଧାରା ଅଧୀନ ଯେକୌଣସି ଆଦେଶ ତାହା ଦିଆଯିବାଠାରୁ ଦୁଇ ମାସ ପର୍ଯ୍ୟନ୍ତ ପ୍ରବୃତ୍ତ ରହିବ :

ପରନ୍ତୁ, ଯଦି ଜିଲ୍ଲା କଲେକ୍ଟରଙ୍କର ମତରେ ଆଦେଶଟି ପ୍ରବୃତ୍ତ ରହିବାକୁ ପଡ଼ିବ ତାହାହେଲେ ସେ ନିଜର ଯେପରି ଉପଯୁକ୍ତ ବିବେଚନା କରିପାରନ୍ତି ସେପରି ଅଧିକତର ଆଦେଶ ବା ଆଦେଶମାନ ଦେଇ ସେହି ଆଦେଶ ବା ଆଦେଶମାନଙ୍କରେ ଯେପରି ନିର୍ଦ୍ଦିଷ୍ଟ ହୋଇପାରେ ଏକକାଳୀନ ଦୁଇମାସରୁ ବଳି ପଡୁନଥିବା ସେତିକି ଅଧିକତର କାଳାବଧି ବା କାଳାବଧିମାନଙ୍କ ପାଇଁ ଉପଯୁକ୍ତ କାଳାବଧିକୁ ବିସ୍ତାରିତ କରିପାରିବେ ।

**ପ୍ରତିଷେଧ ଆଦେଶର ଜାରି ।**

୫ । ଧାରା ୩ର ଉପଧାରା (୧) ଅଧୀନରେ ବା ଧାରା ୪ର ଉପଧାରା (୧) ବା (୨) ଅଧୀନରେ ଦିଆଯିବା ଆଦେଶଟିର ଏକ ନକଲ ଏଭଳି ପ୍ରତିଷିଦ୍ଧ ଅଭିନୟର ସଞ୍ଚାଳନ ନିମନ୍ତେ ଉତ୍ତରଦାୟୀ ସଂଗଠକ ବା ଅନ୍ୟାନ୍ୟ ମୁଖ୍ୟ ବ୍ୟକ୍ତି ବା ତହିଁରେ ଅଂଶ ଗ୍ରହଣ କରିବା ଉପରେ ଥିବା ଯେକୌଣସି ବ୍ୟକ୍ତିଙ୍କ ଉପରେ ବା ଅଭିନୟଟି ଯେଉଁ ଲୋକସ୍ଥାନରେ ଅଭିନୀତ ହେବାକୁ ଯାଉଛି ତାହାର ସ୍ୱାମୀ ବା ଅଧିଭୋଗୀଙ୍କ ଉପରେ ବ୍ୟକ୍ତିଗତଭାବେ ବା ଧାରା ୧୩ ଅଧୀନରେ ପ୍ରଣୀତ ନିୟମାବଳି ଦ୍ୱାରା ଯେପରି ବିହିତ ହୋଇପାରେ ସେପରି ଅନ୍ୟ ରୀତିରେ ଜାରି କରାଯାଇପାରିବ ।

**ଆଦେଶ ଅବଜ୍ଞା କରିବା ନିମନ୍ତେ ଶାସ୍ତି ।**

୬ । ଯାହାଙ୍କ ଉପରେ ଧାରା ୩ ବା ଧାରା ୪ ରେ ଉଲ୍ଲିଖିତ ଆଦେଶର ଏକ ନକଲ ଜାରି ହୋଇଥିବ ଅଥବା ଯେ ଏଭଳି ଆଦେଶର ଅବଜ୍ଞା କରି କୌଣସି କାର୍ଯ୍ୟ କରନ୍ତି ବା ଇଚ୍ଛା କରି ଅନୁଜ୍ଞା ଦିଅନ୍ତି ସେହି ବ୍ୟକ୍ତି, ଦୋଷ ସିଦ୍ଧି ପରେ ତିନି ମାସ ପର୍ଯ୍ୟନ୍ତ ବ୍ୟାପ୍ୟ ଅବଧି ଲାଗି କାରାବାସରେ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟାପ୍ୟ ଜୋରିମାନାରେ ବା ଉଭୟରେ ଦଣ୍ଡିତ ହେବେ ।

**ପ୍ରତିଷେଧକୁ ଅବଜ୍ଞା କରିବା ଲାଗି ଶାସ୍ତି ।**

୭ । (୧) ଧାରା ୩ ର ଉପଧାରା (୩) କୌଣସି ଆଦେଶର ପ୍ରକାଶନ ପରେ ଅଥବା ଯେତେବେଳେ ଧାରା ୪ ର ଉପଧାରା (୧) ବା ଉପଧାରା (୨) ଅଧୀନରେ ଦିଆଯିବା ଆଦେଶ ପ୍ରବୃତ୍ତ ଥାଏ ସେହି କାଳାବଧି ମଧ୍ୟରେ ତଦ୍ୱାରା ପ୍ରତିଷିଦ୍ଧ ଅଭିନୟ ବା ଏଭଳି ପ୍ରତିଷିଦ୍ଧ ଅଭିନୟ ସହ ସାରତଃ ସମାନ କୌଣସି ଅଭିନୟର ଯେ ସଂଗଠନ କରନ୍ତି ବା ସଞ୍ଚାଳନ ନିମନ୍ତେ ଉତ୍ତରଦାୟୀ ହୁଅନ୍ତି ବା ଯେ ଧାରା ୩ ଓ ଧାରା ୪ ଅଧୀନ ଏଭଳି କୌଣସି ଆଦେଶ ପ୍ରବୃତ୍ତ ରହିଥିବା ଜାଣି ତହିଁରେ ଅଂଶ ଗ୍ରହଣ କରନ୍ତି ସେହି ବ୍ୟକ୍ତି, ଦୋଷସିଦ୍ଧି ପରେ, ତିନିମାସ ପର୍ଯ୍ୟନ୍ତ ବ୍ୟାପ୍ୟ ଅବଧିର କାରାବାସ ଦ୍ୱାରା ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟାପ୍ୟ ଜୋରିମାନା ଦ୍ୱାରା ବା ଉଭୟ ଦ୍ୱାରା ଦଣ୍ଡିତ ହେବେ ।

(୨) ଯେ କୌଣସି ଲୋକସ୍ଥାନର ସ୍ୱାମୀ ବା ଅଧିଭୋଗୀ ହୋଇ ବା ବ୍ୟବହାର କରୁଥାଇ ଯେ ଧାରା ୩ ବା ଧାରା ୪ ଅଧୀନରେ ପ୍ରତିଷିଦ୍ଧ ଯେ କୌଣସି ଅଭିନୟ ଲାଗି ତାହାକୁ ଖୋଲା ରଖନ୍ତି, ଚଳାଉ ଥାନ୍ତି ବା ବ୍ୟବହାର କରୁଥାନ୍ତି ବା ଏଭଳି ଯେ କୌଣସି ଅଭିନୟ ଲାଗି ତାହାକୁ ଖୋଲାରଖିବା, ଚଳାଇବା, ବ୍ୟବହାର କରାଯିବାକୁ ଅନୁଜ୍ଞା ଦିଅନ୍ତି ସେହି ବ୍ୟକ୍ତି, ଦୋଷସିଦ୍ଧି ପରେ, ତିନିମାସ ପର୍ଯ୍ୟନ୍ତ ବ୍ୟାପ୍ୟ ଅବଧିର କାରାବାସ ଦ୍ୱାରା ବା ଏକହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟାପ୍ୟ ଜୋରିମାନା ଦ୍ୱାରା, ବା ଉଭୟ ଦ୍ୱାରା ଦଣ୍ଡିତ ହେବେ ।

**ଅବଗଣ୍ଠ ଅଧିକୃତ କରିବା ଲାଗି କ୍ଷମତା ।**

୮ । (୧) ହେବାକୁ ଯାଉଥିବା ଯେ କୌଣସି ଖେଳ ମୂଳନାଟ୍ୟ ବା ଅନ୍ୟ ନାଟକର ପ୍ରକୃତ ଅଭିନୀତ କରିବା ଉଦ୍ଦେଶ୍ୟରେ, ରାଜ୍ୟସରକାର ବା ଏ ତଦୁପଲକ୍ଷେ ରାଜ୍ୟସରକାର ଯାହାଙ୍କୁ କ୍ଷମତା ପ୍ରଦାନ କରିପାରନ୍ତି ସେହି ଅଫିସର, ରାଜ୍ୟସରକାର ବା ସେହି ଅଫିସର ଯାହା ଆବଶ୍ୟକ ବୋଲି ଭାବି ପାରନ୍ତି ସେତିକି ଅବଗଣ୍ଠ ଦେବାଲାଗି ସେହି ଖେଳ, ଦୃଶ୍ୟନାଟ୍ୟ ବା ଅନ୍ୟ ନାଟକର ସଂଗଠକ ବା ତାହାର ପରିଚାଳନା ଲାଗି ଉତ୍ତରଦାୟୀ ଅନ୍ୟ ମୁଖ୍ୟ ବ୍ୟକ୍ତିମାନଙ୍କୁ, ବା ତହିଁରେ ଅଂଶ ଗ୍ରହଣ କରିବା ଉପରେ ଥିବା ଅନ୍ୟବ୍ୟକ୍ତିମାନଙ୍କୁ, ବା ଅଭିନୀତ ହେବା ଉପରେ ଥିବା ଖେଳ, ମୂଳ ନାଟ୍ୟ ବା ଅନ୍ୟ ନାଟକର ଲେଖକ, ପ୍ରୋପ୍ରାଇଟର ବା ମୁଦ୍ରଣକାରୀଙ୍କୁ ବା ତାହା ଯେଉଁଠାରେ ଅଭିନୀତ ହେବାକୁ ଯାଉଛି ସେହି ସ୍ଥାନର ସ୍ୱାମୀ ବା ଅଧିକାରୀଙ୍କୁ ଆଦେଶ ଦ୍ୱାରା ଲୋଡ଼ ପାରିବେ ।

(୨) ଏପରି ଲୋଡ଼ା ଯାଇଥିବା ପ୍ରତ୍ୟେକ ବ୍ୟକ୍ତି ସେହି ଆଦେଶରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯଥା ସାମର୍ଥ୍ୟ ଅବଗଣ୍ଠଟିକୁ ଦେବାଲାଗି ବାଧ୍ୟ ହେବେ ଏବଂ ଉଲ୍ଲଙ୍ଘନ କ୍ଷେତ୍ରରେ ଭାରତୀୟ ଦଣ୍ଡ ସଂହିତାର ଧାରା ୧୭୬ ଅଧୀନ ଏକ ଅପରାଧ କରିଛନ୍ତି ବୋଲି ବିବେଚିତ ହେବେ ।

**ନାଟକାଦିର ଉଦ୍ଦେଶ୍ୟର ନକଲ ଆହୂତ କରିବାଲାଗି କ୍ଷମତା ।**

୯ । (୧) ଯଦି ରାଜ୍ୟ ସରକାର ବା ଜିଲ୍ଲା କଲେକ୍ଟରଙ୍କ ପକ୍ଷେ ବିଶ୍ୱାସ କରିବା ଲାଗି କାରଣ ଥାଏ କି କୌଣସି ଅପରାଧମୂଳକ ଅଭିନୟ ଅନୁଷ୍ଠିତ ହେବାକୁ ଯାଉଛି ତାହା ହେଲେ ରାଜ୍ୟସରକାର ବା ଯଥାସ୍ଥିତ ଜିଲ୍ଲା କଲେକ୍ଟର ଆଦେଶ ଦେଇ ନିର୍ଦ୍ଦେଶିତ କରିପାରନ୍ତି ଯେ ଅଭିନୟର ଅନ୍ତତଃ ସାତଦିନ ପୂର୍ବରୁ ରାଜ୍ୟସରକାର ବା ଜିଲ୍ଲା କଲେକ୍ଟରଙ୍କୁ ତାହା ହସ୍ତଲିଖିତାକାରରେ ହୋଇଥିଲେ ଯେତିକି ଲିଖିତ ହୋଇଛି ସେତିକି ଲେଖାର ଏକ ନକଲ ବା ମୂକନାଟ୍ୟ ଆକାରରେ ହୋଇଥିଲେ ସେତିକି ମୂଳନାଟ୍ୟ ଆକାରର ତାହାର ଉଦ୍ଦେଶ୍ୟର ଯଥେଷ୍ଟ କିଛି ବିବରଣ ଦିଆଯାଇ ନଥିଲେ ଯେକୌଣସି କ୍ଷେତ୍ର ମଧ୍ୟସ୍ଥ ଯେକୌଣସି ଲୋକସ୍ଥାନରେ ଏପରି କୌଣସି ନାଟକୀୟ ଅଭିନୟ ଅନୁଷ୍ଠିତ ହେବ ନାହିଁ ।

(୨) ଯେଉଁଠାରେ ଏପରି ଅଭିନୟ ଅନୁଷ୍ଠିତ ହେବାକୁ ଯାଉଛି ସେହି ଲୋକସ୍ଥାନର ସ୍ୱାମୀ ବା ଅଧିକାରୀଙ୍କ ଉପରେ ଉପଧାରା (୧) ଅଧୀନରେ ଦିଆଯାଇଥିବା କୌଣସି ଆଦେଶର ଏକ ନକଲ ଜାରି କରାଯାଇ ପାରିବ ଏବଂ ଯଦି ତାହାପରେ ସେହି ଆଦେଶର ଅବଜ୍ଞା କୌଣସି ବ୍ୟକ୍ତି ସେ କରନ୍ତି ବା କରିବାକୁ ଇଚ୍ଛାକରି ଅନୁଜ୍ଞା ଦିଅନ୍ତି ତାହାହେଲେ ସେ, ଦୋଷସିଦ୍ଧି ପରେ, ତିନମାସ ପର୍ଯ୍ୟନ୍ତ ବ୍ୟାପ୍ୟ ଅବଧିର କାରାବାସ ଦ୍ୱାରା ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟାପ୍ୟ ଜୋରିମାନା ଦ୍ୱାରା ବା ଉଭୟ ଦ୍ୱାରା ଦଣ୍ଡିତ ହେବ ।

**ଉଚ୍ଚ ନ୍ୟାୟାଳୟଠାରେ ଅପିଲ ।**

୧୦ । (୧) ଧାରା ୩ ର ଉପଧାରା (୧) ଅଧୀନ ବା ଧାରା ୪ ର ଉପଧାରା (୧) ବା ଉପଧାରା (୨) ଅଧୀନ କୌଣସି ଆଦେଶ ଦ୍ୱାରା ବ୍ୟଥିତ ଯେ କୌଣସି ବ୍ୟକ୍ତି ସେହି ଆଦେଶର ଧାରା ୩ର ଉପଧାରା (୩) ଅଧୀନ ପ୍ରକାଶନର ଷାଠିଏ ଦିନ ମଧ୍ୟରେ ବା ଯଥାସ୍ଥିତ, ଯେଉଁ ତାରିଖରେ ଧାରା ୪ ର ଉପଧାରା (୧) ବା ଉପଧାରା (୨) ଅଧୀନ ଆଦେଶ ଦିଆଯାଏ ତାହାର ଷାଠିଏ ଦିନ ମଧ୍ୟରେ ଉଚ୍ଚ ନ୍ୟାୟାଳୟଠାରେ ଅପିଲ କରିପାରିବ ଏବଂ ଏପରି ଅପିଲ ହେଲେ ଉଚ୍ଚ ନ୍ୟାୟାଳୟ ଯେଉଁ ଆଦେଶ ବିରୋଧରେ ଅପିଲ ହୋଇଛି, ତାହାକୁ ପୁଷ୍ଟ କରି, ଅଦଳବଦଳ କରି ବା ଉଲଟାଇ

ଦେଇ ନିଜେ ଉପଯୁକ୍ତ ବିବେଚନା କରିବାମତେ ଆଦେଶ ଦେଇପାରିବେ ଏବଂ ଯେପରି ଆବଶ୍ୟକ ହୋଇପାରେ ସେପରି ପରିଣାମୀ ବା ଆନୁଷଙ୍ଗିକ ଆଦେଶ ଦେଇ ପାରିବେ ।

(୨) ଏଭଳି ପ୍ରତ୍ୟେକ ଅପିଲ ଅନ୍ୟୂନ ଦୁଇଜଣ ଜଜଙ୍କ ଏକ ବେଞ୍ଚଦ୍ୱାରା ଶୁଣାଣି ହେବ ।

**ଅନ୍ୟାନ୍ୟ ବିଧି ଅଧୀନ ଅଭିଯୋଜନର ବ୍ୟାବୃତ୍ତି ।**

୧୧ । ଯେଉଁସ୍ଥଳେ କୌଣସି ଅଭିନୟ ସମ୍ପର୍କରେ ଧାରା ୩ ବା ଧାରା ୪ ଅଧୀନ କୌଣସି ଆଦେଶ ଦିଆଯାଇନାହିଁ ସେହିସ୍ଥଳେ ଏହି ଅଧିନିୟମର କୌଣସି କଥା ଭାରତୀୟ ଦଣ୍ଡ ସଂହିତା ଅଧୀନ ବା ଅନ୍ୟ କୌଣସି ବିଧି ଅଧୀନ କୌଣସି ଅଭିଯୋଜନକୁ ବାଧା ଦେବ ନାହିଁ ।

**ସଦ୍ଭାବ ପୂର୍ବକ କୃତ କାର୍ଯ୍ୟର ସଂରକ୍ଷଣ ।**

୧୨ । ଯାହା ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳି ଅଧୀନରେ ସଦ୍ଭାବ ପୂର୍ବକ କରାଯାଇଥିବ ବା କରାଯିବାଲାଗି ଆଶୟିତ ହୋଇଥିବ ସେପରି କୌଣସି କଥା ନିମନ୍ତେ କୌଣସି ପ୍ରାଧିକାରୀ ବା ଅଫିସରଙ୍କ ବିରୁଦ୍ଧରେ କୌଣସି ବାଦ, ଅଭିଯୋଜନ ବା ଅନ୍ୟ ବୈଧିକ କାର୍ଯ୍ୟବାହୀ ସଂସ୍ଥିତ ହେବନାହିଁ ।

**ନିୟମାବଳି ପ୍ରଣୟନ କରିବା କ୍ଷମତା ।**

୧୩ । (୧) ରାଜ୍ୟ ସରକାର ଏହି ଅଧିନିୟମର ଉଦ୍ଦେଶ୍ୟଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବାପାଇଁ ନିୟମାବଳି ପ୍ରଣୟନ କରିପାରିବେ ।

(୨) ଉପଧାରା (୧) ଅଧୀନରେ ପ୍ରଣୀତ ସବୁ ନିୟମାବଳି ସେଗୁଡ଼ିକ ପ୍ରଣୀତ ହେବାପରେ ଯଥାସମ୍ଭବ ଶୀଘ୍ର ଓଡ଼ିଶା ବିଧାନସଭା ସମ୍ମୁଖରେ ଏକ ବା ଏକାଧିକ ଅଧିବେଶନରେ ସମାବିଷ୍ଟ ମୋଟ ଚଉଦ ଦିନ କାଳ ପାଇଁ ଉପସ୍ଥାପିତ ହେବ ଏବଂ ଉକ୍ତକାଳାବଧି ମଧ୍ୟରେ ସଭା ଯେଉଁ ରୂପାନ୍ତରଣ କରିପାରନ୍ତି ସେହି ସେହି ରୂପାନ୍ତରଣର ଅଧୀନ ହେବ ।

**୧୮୭୬ ର କେନ୍ଦ୍ରୀୟ ଅଧିନିୟମ ୧୯ ର ନିରସନ ।**

୧୪ । ଓଡ଼ିଶା ରାଜ୍ୟ ପ୍ରତି ନାଟକୀୟ ଅଭିନୟ ଅଧିନିୟମ, ୧୮୭୬ ଯେତିକି ଦୂର ଲାଗୁ ହେଉଥାଏ ତାହାକୁ ସେତିକି ଦୂର ପର୍ଯ୍ୟନ୍ତ ଏତଦ୍ଦ୍ୱାରା ନିରସିତ କରାଯାଉଛି ।

OGP—MP-School (Law)54—1,000—7-3-1969

PRINTED AT THE ORISSA GOVERNMENT PRESS, MADHUPATNA, CUTTACK-3